# Akashvani, Sambalpur

## SAMBALPURI NEWS BULLETIN

### 27 March 2024- 6.47- 6.52 am.

*********************************************

ଲୋକ୍‌ସଭା ନିର୍ବାଚନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଲୋକ୍‌ସଭା ନିର୍ବାଚନ୍‌ର ପହେଲା ଖେପ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବାର୍ ଆଏଜ୍ ଶେଷ୍ ଦିନ୍ ଆଏ । ସେଆଡ଼େ ବିହାର୍‌ର ନାମାଙ୍କନ୍ ଦାଖଲ୍ କର୍‌ବାର୍ ଲାଗି ଆଏବାକାଏଲ୍ ଶେଷ୍ ଦିନ୍ ରହିଛେ । ପହେଲା ଖେପେ ୧୭ ଟା ରାଜ୍ୟ ଆଉ ୪ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ଶହେ ୨ଟା ଲୋକ୍‌ସଭା ଆସନ୍‌ଥି ଭୋଟ୍ ହେବା । ତାମିଲ୍‌ନାଡୁର ୨୯ ଟା ଆସନ୍, ରାଜସ୍ଥାନ୍‌ର ୧୨ ଟା, ଉତର୍‌ପ୍ରଦେଶ୍‌ର ୮ , ମଧ୍ୟପ୍ରଦେଶ୍‌ର ୬, ଉତରାଖଣ୍ଡ, ଆସାମ୍ ଆର୍ ମହାରାଷ୍ଟ୍ରର୍ ୫ ଟା ଲେଖା ଆସନ୍, ବିହାର୍‌ର ୪, ପଶ୍ଚିମବଙ୍ଗ୍‌ର ୩, ଅରୁଣାଚଲ୍ ପ୍ରଦେଶ୍, ମଣିପୁର୍, ମେଘାଲୟ ୨ ଟା ଲେଖା ଆସନ୍ ଆର୍ ଛତିଶ୍‌ଗଡ୍, ମିଜୋରାମ୍, ନାଗାଲେଣ୍ଡ, ସିକିମ୍, ତ୍ରିପୁରା, ଆଣ୍ଡାମାନ୍ ଆର୍ ନିକୋବର୍

ଦ୍ୱିପପୁଞ୍ଜ, ଜାମ୍ମୁ ଆର୍ କାଶ୍ମୀର୍, ଲାକ୍ଷାଦ୍ୱୀପ୍ ଆର୍ ପୁଡୁଚେରୀର ଗୁଟେ ଲେଖା ଆସନ୍‌ଥି ପହେଲା ଖେପେ ଭୋଟ୍ ହେବା ।

ଆଏବାକାଏଲ୍ ସବୁ ପ୍ରାର୍ଥୀପତ୍ର ଯାଂଚ୍ କରାଯିବା ଆର୍ ୩୦ ତାରିଖ୍‌ତକ୍ ପ୍ରାର୍ଥୀମାନେ ସେମାନ୍‌କର୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ କରିପାର୍‌ବେ । ସେନ୍ତା ଆଏବା ୩୦ ତାରିଖ୍ ଦିନ ବିହାର୍ ନ ନାମାଙ୍କନ୍ ପତ୍ରର୍ ଯାଂଚ୍ କରାଯିବା ଆଉ ଆଏବା ମାସ ୨ ତାରିଖ୍‌ତକ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ କରାଯାଇପାର୍‌ବା । ଏପ୍ରିଲ୍ ୧୯ ତାରିଖ୍ ଦିନ ଭୋଟ୍ ନିଆଯିବା ବଲି ନିର୍ବାଚନ୍ ଆୟୋଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।।

ସେନ୍ତା ୨ ନମ୍ବର୍ ଖେପ୍ ଭୋଟ୍ ଲାଗି ଆଏବା କାଏଲ୍ ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍‌ର ଅଣାନବେ ଟା ଲୋକ୍‌ସଭା ଆସନ୍ ଲାଗି ବିଜ୍ଞପ୍ତି ଜାରି କରାଯିବା ।

ସିୟୁଇଟି - ୟୁଜି ୨୦୨୪ ଆର୍‌ଏନ୍‌ୟୁ / ସମ୍ବଲପୁର

ସିୟୁଇଟି - ୟୁଜି ୨୦୨୪ ଲାଗି ଅନ୍‌ଲାଇନ୍ ଆବେଦନ୍ ଦାଖଲ୍ କର୍‌ବାର୍ ଶେଷ୍ ତାରିଖ୍‌କେ ଆଏବା ୩୧ ତାରିଖ୍‌ତକ୍ ବଢ଼ାଯାଇଛେ । ଇଥିର୍‌ଲାଗି ଗଲାକାଏଲ୍ ଶେଷ୍ ଦିନ୍ ଥିଲା । ସେନ୍ତା ଫାଇନାଲ୍ ଫି ଦାଖଲ୍‌ର ଶେଷ୍ ଦିନ୍ ମାର୍ଚ୍ଚ ୩୧ ତାରିଖ୍

ରଖାଯାଇଛେ । ଆଏବା ମାସର୍ ୨ ତାରିଖ୍‌ନୁ ୩ ତାରିଖ୍‌ତକ୍ ଦର୍‌ଖାସ୍ତ ସଂଶୋଧନ୍ କରାଯାଇପାର୍‌ବା । ୟୁଜିସିର ଅଧ୍ୟକ୍ଷ ଏମ୍. ଜଗ୍‌ଦୋଶ୍ କୁମାର୍ କହିଛନ୍ ଯେ, ପ୍ରାର୍ଥୀ ଆଉ ଅଲ୍‌ଗା ଷ୍ଟେକ୍ ହୋଲ୍‌ଡର୍ ମାନ୍‌କର୍ ଅନୁରୋଧ୍ ଅନ୍‌ସାରେ ଇ ନିଷ୍ପତି ନିଆଯାଇଛେ । ସିୟୁଇଟି- ୟୁଜି ୨୦୨୪ ଦେଶ୍ ବାହାରେ ୨୬ ଟା ସହର୍ ସହେତେ ୩ ଶହ ୮୦ ଟା ସହର୍ ନ ପରୀକ୍ଷା କରାଯିବା ।

ସମ୍ବଲପୁର-ଜିଲ୍ଲାପାଲ୍                    ଆର୍‌ଏନ୍‌ୟୁ /  ସମ୍ବଲପୁର

ସମ୍ବଲ୍‌ପୁର୍ ସହର୍ ନ ଗଲାକାଏଲ୍ ସଞ୍ଜ୍‌ବେଲେ ଗୁଟେ ଅପ୍ରିତିକର୍ ଘଟ୍‌ନା ଘଟିଯାଇଛେ । ଇତାକେ ନେଇକରି ସହରେ ଆଇନ୍ ଶୃଙ୍ଖଲା ବଜାୟ ରଖ୍‌ବାର୍ ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ । ଇ ବାବ୍‌ଦେ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ କହିଛନ୍ ଯେ, ଏଛେନ୍ ସହରେ ଆଇନ୍ ଶୃଙ୍ଖଲା ପରିସ୍ଥିତି ଆଏତେ ରହିଛେ । ସାମାଜିକ ଗଣମାଧ୍ୟମ୍‌ଥି ପୋଷ୍ଟ ହେଉଥିବା ଫେକ୍ ନ୍ୟୁଜ୍ ଉପ୍‌ରେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ସେ ସମ୍ବଲ୍‌ପୁର୍‌ବାସୀଙ୍କୁ ଅନୁରୋଧ୍ କରିଛନ୍ ।

ବିଶ୍ୱ ନାଟ୍ୟ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ନାଟ୍ୟ ଦିବସ୍ । ଆନ୍ତର୍ଜାତୀୟ ଥିଏଟର୍ ପ୍ରତିଷ୍ଠାନ୍ ତର୍‌ଫୁ ୧୯୬୧ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ନାଟ୍ୟ ଦିବସ୍ ଭାବେ ପାଲନ୍ କର୍‌ବାର୍‌କେ ଥିର୍ କରାଯାଇଥିଲା । ନାଟକ୍‌ର ମୂଲ୍ୟ ଆଉ ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଆସୁଛେ । ଶାନ୍ତି ଆଉ ସଂସ୍କୃତି ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ବାର୍ତା ନେଇକରି ବିଶ୍ୱ ନାଟ୍ୟ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ଅନୁଷ୍ଠାନ୍‌ମାନେ ନାଟକ୍ ପ୍ରଦର୍ଶନ୍, ଆଲୋଚନାଚକ୍ର ଆର୍ ନାଟ୍ୟକାର୍ ସମ୍ମାନ୍ ସମାରୋହମାନ୍ ଆୟୋଜନ୍ କରୁଛନ୍ ।

ବନକଲାଗି          ଆର୍‌ଏନ୍‌ୟୁ/ କଟକ୍

ଚୈତ୍ ମାସର୍ ଅନ୍ଧାର୍‌ପଖର୍ ଦୁତିଆ ତିଥିଥି ଆଏଜ୍ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ହେବା । ଇଥିର୍‌ଲାଗି ୨ ନମ୍ବର୍ ଭୋଗମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ବେଲ୍‌ବୁଡ଼ାର୍ ୬ ବଜେନୁ ରାତି ୧୦ ବଜେତକ୍ ମାହାପୁରୁମାନ୍‌କର୍ ଦର୍ଶନ୍ ବନ୍ଦ୍

ରହେବା । ଶ୍ରୀଜୀଉମାନ୍‌କର୍ ଶ୍ରୀମୁଖ ଶୃଙ୍ଗାର ସହେତେ ବନକଲାଗି ଗୁଟେ ଗୁପ୍ତ ନୀତି ହେଇଥିବାର୍‌ନୁ ଇ ସମିଆଥି ଗର୍ଭଗୃହର ସବୁ କବାଟ୍ ବନ୍ଦ୍ ରହେବା । ୨ ନମ୍ବର୍ ଭୋଗ ମଣ୍ଡପ୍ ଉତ୍‌ରୁ ଦତମହାପାତ୍ର ସେବକମାନେ ଗର୍ଭଗୃହକେ ପ୍ରବେଶ୍ କର୍‌ବେ ଆର୍ ବନକଲାଗି ହେବା । ବନକଲାଗି ଉତାରୁ ମହାପ୍ରଭୁଙ୍କର୍ ମହାସ୍ନାନ ନୀତି କରାଯିବା ଆର୍ ତାର୍‌ପରେ ଶ୍ରୀବିଗ୍ରହମାନେ ଶ୍ରଦ୍ଧାଳୁମାନ୍‌କୁ ଦର୍ଶନ୍ ଦେବେ ।

ଖରା ଝାଉ/ ନିର୍ବାଚନ କମିସନ                                  ଆର୍‌ଏନ୍‌ୟୁ/ କଟକ୍

ନିର୍ବାଚନ କମିଶନ୍ ଖରାକେ ନଜରଥି ରଖିକରି ଆବଶ୍ୟକ୍ ପଦକ୍ଷେପ୍ ନେବାର୍‌କେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କୁ ମାର୍ଗଦର୍ଶିକା ଜାରି କରିଛନ୍ । ମଏଧାନର୍ ୧୨ ବଜେନୁ ଦୁଇପହରର୍ ୩ ବଜେତକ୍ ବାହାର୍‌କେ ନାଇଁ ବାହାର୍‌ବାର୍ ଲାଗି ମାର୍ଗଦର୍ଶିକାଥି କୁହାଯାଇଛେ । ଇତାର୍‌ସହେତେ ଲୋକ୍‌ମାନ୍‌କୁ ଜହ ପାଏନ୍ ପିଇବାର୍ ଲାଗି ଆର୍ ବାସି ଜିନିଷ୍ ନାଇଁ ଖାଏବାର୍ ଲାଗି ପରାମର୍ଶ ଦିଆଯାଇଛେ । ସବୁ ଭୋଟ୍ ଗ୍ରହଣ୍ କେନ୍ଦ୍ରମାନ୍‌କେ ପିଇବାର୍

ପାଏନ୍ ଆର୍ ଛଏଁରା ବ୍ୟବସ୍ଥା କର୍ବାର୍ ଲାଗି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ର ନିର୍ବାଚନ୍ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ନୂଆପଡ଼ା ସହେତେ ରାଜ୍ୟର୍ କେତେ ଇଲାକା ନ ଆଏଜ୍ ଘଡ଼୍ଘଡ଼ି ସହେତେ ସାମାଏନ୍ ନୁ ମଧମ୍ ଧରଣ୍ର ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ରାଏଜେ ତାତି ଟିକେ କମିଛେ । ପର୍ଶ୍ଚିମ ଓଡ଼ିଶାର୍ ସବୁ ଇଲାକାର୍ ଗଲାକାଏଲ୍ର ତାତି ୩୭ ଡିଗ୍ରୀନୁ କମ୍ ରହିଛେ ।

ଭୁବ୍ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ମିଲିଥିବା ସୂଚ୍ନା ଅନ୍ସାରେ ଗଲାକାଏଲ୍ ଦିନର୍ ତାତି ପର୍ଶ୍ଚିମ ଓଡ଼ିଶାର୍ ବଲାଙ୍ଗିର ନ ୩୭ ଦଶ୍ମିକ୍ ୩, ଭବାନୀପାଟ୍ନା ଆର୍ ବୌଦ୍ଧ ୩୭, ସୋନ୍ପୁର୍ ୩୬ ଦଶ୍ମିକ୍ ୯, ସୁନ୍ଦର୍ଗଡ଼୍ ୩୬ ଦଶ୍ମିକ୍ ୫, ଝାର୍ସୁଗୁଡ଼ା ନ ୩୬ ଦଶ୍ମିକ୍ ୨, ସମ୍ବଲ୍ପୁର୍ ୩୬, ବର୍ଗଡ଼୍

ନ ୩୪ ଦଶ୍ମିକ୍ ୮, ନୂଆପଡ଼ା ନ ୩୪ ଦଶ୍ମିକ୍ ୪, ଆର୍ ଦେବ୍ଗଡ଼୍ ନ ୩୩ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ ।

ପେନ୍ସନ୍ ଲାଗି ନୂଆଁ ନିୟମ୍ ଆର୍ଏନ୍ୟୁ / ସମ୍ବଲପୁର

ଆଏବା ଏପ୍ରିଲ୍ ୧ ତାରିଖ୍ନୁ କେନ୍ଦ୍ର ଆଉ ରାଜ୍ୟ ସର୍କାରୀ ପେନ୍ସନ୍ଭୋଗୀ ମାନ୍କର୍ ଲାଗି ପେନ୍ସନ୍ଥି ନୂଆଁ ନିୟମ୍ ଲାଗୁ ହେବା । ନେସ୍ନାଲ୍ ପେନ୍ସନ୍ ସିଷ୍ଟମ୍ଥି ସୁରକ୍ଷା ଲାଗି ଇ ନୂଆଁ ନିୟମ୍ ଲାଗୁ ହେବା ବଲି ସୂଚ୍ନା ମିଳିଛେ । ଏପ୍ରିଲ୍ ୧ ତାରିଖ୍ନୁ ନୂଆଁ ଆର୍ ଜୁନ୍ହା ସବୁ ପେନ୍ସନ୍ଭୋଗୀମାନେ ଟୁ ଫେକ୍ଟର୍ ଅଥେଂଟିକେସନ୍ - ଦୁଇଥାକିଆ ପ୍ରମାଣିକରଣ୍ ଉପଯୋଗ୍ କରିକରି ଏନ୍ପିଏସ୍ ସିଷ୍ଟମ୍ଥି ଲଗ୍ଇନ୍ କରିପାର୍ବେ । ଇଥୁ ଭିନ୍ ଭିନ୍ ସାଇବର୍ ଆଉ ଅନ୍ଲାଇନ୍ ଠକେଇକେ ରୁକାଯାଇପାର୍ବା ।